# NATIONAL NEWS BULLETIN (ODIA)

**8 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

---

- ଭୁବନେଶ୍ୱରରେ ଉଦୟଗିରି ଗୁମ୍ଫା ପରିଦର୍ଶନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ତିନିଦିନିଆ ରୁଷିଆ ଏବଂ ଅଷ୍ଟ୍ରିଆ ଗସ୍ତରେ ଗଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– ୨୨ ତମ ଭାରତ-ରୁଷିଆ ଶିଖର ସମ୍ମିଳନୀରେ କରିବେ ଅଂଶ ଗ୍ରହଣ ।

- ଝାଡ଼ଖଣ୍ଡ ବିଧାନସଭାରେ ଆସ୍ଥା ଭୋଟ୍‌ରେ ବିଜୟୀ ହେଲେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ।

- ନୀଟ୍-ୟୁ.ଜି. ମେଡିକାଲ୍ ପ୍ରବେଶିକା ପରୀକ୍ଷା ସଂକ୍ରାନ୍ତ ଆବେଦନ ଗୁଡ଼ିକର ଆଜି ସୁପ୍ରିମକୋର୍ଟରେ ହେବ ଶୁଣାଣି ।

ଏବଂ

- ପୁରୀ ଶ୍ରୀକ୍ଷେତ୍ରରେ ଚାଲିଛି ରଥଟଣା ।

– ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଲା ତାଳଧ୍ୱଜ ରଥ ।

---

## ପିଏମ୍ ରୁଷିଆ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ତିନିଦିନିଆ ରୁଷିଆ ଏବଂ ଅଷ୍ଟ୍ରିଆ ଗସ୍ତ କରିଛନ୍ତି । ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି ତାଙ୍କର ଏହି ଗସ୍ତ ରୁଷିଆ ଏବଂ ଅଷ୍ଟ୍ରିଆ ସହ ସଂପର୍କକୁ ସୁଦୃଢ଼ କରିବା ଦିଗରେ ସୁଯୋଗ ସୃଷ୍ଟି କରିବ । ଏହି ଦୁଇ ଦେଶରେ ଥିବା ଭାରତୀୟ ସଂପ୍ରଦାୟ ସହ ସେ ମତବିନିମୟ କରିବେ ବୋଲି କହିଛନ୍ତି ।

ରୁଷ୍‌ର ମସ୍କୋଠାରେ ଆଜି ପ୍ରଧାନମନ୍ତ୍ରୀ ୨୨ତମ ଭାରତ-ରୁଷିଆ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବେ । ଏହି ଅବସରରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନଙ୍କ ମଧ୍ୟରେ ଆଲୋଚନା ହେବ । ସେଥିମଧ୍ୟରେ ପ୍ରତିରକ୍ଷା, ବାଣିଜ୍ୟ, ନିବେଶ, ଶକ୍ତି, ଶିକ୍ଷା, ସଂସ୍କୃତି ଆଦି କ୍ଷେତ୍ର ଅନ୍ତର୍ଭୁକ୍ତ । ଦୁଇଦେଶର ସ୍ୱାର୍ଥ ସମ୍ୱଳିତ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗଗୁଡ଼ିକ ଉପରେ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି । ବ୍ରିକ୍ସ, ଏସ୍‌ସିଓ, ଜି-୨୦, ପୂର୍ବ ଏସୀୟ ସମ୍ମିଳନୀ ଏବଂ ମିଳିତ ଜାତିସଂଘରେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଭାଗିତା ଉପରେ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି ।

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ ଶ୍ରୀ ମୋଦୀଙ୍କ ଉଦ୍ଦେଶ୍ୟରେ ଆଜି ଏକ ରାତ୍ରି ଭୋଜନର ଆୟୋଜନ କରିଛନ୍ତି । ପ୍ରଧାନମନ୍ତ୍ରୀ ଆସନ୍ତାକାଲି ରୁଷ୍‌ରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ସହ ମତ ବିନିମୟ କରିବେ । ମସ୍କୋଠାରେ କେତେକ କାର୍ଯ୍ୟକ୍ରମରେ ମଧ୍ୟ ସେ ଯୋଗଦେବେ ।

ଦୁଇଦେଶ ମଧ୍ୟରେ ଏହି ଅବସରରେ ପ୍ରତିନିଧିସ୍ତରୀୟ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତାକାଲି ଶ୍ରୀ ମୋଦୀ  ଅଷ୍ଟ୍ରିଆ ଗସ୍ତ କରିବେ ।  ଏହି ଅବସରରେ ପ୍ରଧାନମନ୍ତ୍ରୀ ଅଷ୍ଟ୍ରିଆର ରାଷ୍ଟ୍ରପତି ଆଲେକଜାଣ୍ଡାର ଭାଣ୍ଡାରବେଲେନ୍ ଏବଂ ଚାନ୍ସେଲର କାର୍ଲ ନେହାମରଙ୍କ ସହ ଦ୍ୱିପକ୍ଷୀୟ ଆଲୋଚନା କରିବେ ।  ଦୀର୍ଘ ୪୦ ବର୍ଷ ମଧ୍ୟରେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଗସ୍ତ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଭାରତ ଓ ଅଷ୍ଟ୍ରିଆ ମଧ୍ୟରେ ଭାଗିଦାରୀ ସଂପର୍କକୁ ନୂତନ ଶିଖରରେ ପହଞ୍ଚାଇବା ଲାଗି ତାଙ୍କର ଲକ୍ଷ୍ୟ ରହିଛି । ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ଦୀର୍ଘସ୍ଥାୟୀ ବିକାଶ କ୍ଷେତ୍ରରେ ଦ୍ୱିପାକ୍ଷିକ ସଂପର୍କକୁ ସୁଦୃଢ଼ କରାଯିବ । ଅଷ୍ଟ୍ରିଆ ଚାନ୍ସେଲରଙ୍କ ସହ ଆଲୋଚନାବେଳେ ଦ୍ୱିପାକ୍ଷିକ ବାଣିଜ୍ୟ ସଂପର୍କ ଏବଂ ପୁଞ୍ଜି ବିନିଯୋଗ ସୁଯୋଗକୁ ବ୍ୟାପକ କରିବା ଦିଗରେ ଆଲୋଚନା ହେବ ।

## ରାଷ୍ଟ୍ରପତି-ଓଡ଼ିଶା ଗସ୍ତ

ଚାରିଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଭୁବନେଶ୍ୱର ଉଦୟଗିରି ଗୁମ୍ଫା ପରିଦର୍ଶନ କରିଛନ୍ତି ।  ଏହାପରେ ବିଭୁତି କାନୁନ୍‌ଗୋ କଲେଜ୍ ଅଫ୍ ଆର୍ଟ ଆଣ୍ଡ୍ କ୍ରାଫ୍ଟ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ସହ ମତବିନିମୟ କରିଛନ୍ତି। ରାଷ୍ଟ୍ରପତି ଅପରାହ୍ନରେ ଭୁବନେଶ୍ୱର ଉପକଣ୍ଠ ହରିଦାମଡ଼ା ଗ୍ରାମରେ ବ୍ରହ୍ମକୁମାରୀଙ୍କ ଦିବ୍ୟ ରିଟ୍ରିଟ୍ ସେଣ୍ଟରର ଉଦ୍‌ଘାଟନ କରିବେ । ଏହି ଅବସରରେ

"ଲାଇଫ୍‌ଷ୍ଟାଇଲ୍ ଫର୍ ସଷ୍ଟେନେବିଲିଟି" ଅଭିଯାନର ଶୁଭାରମ୍ଭ କରିବେ । ରାଷ୍ଟ୍ରପତି ଆସନ୍ତାକାଲି ଭୁବନେଶ୍ୱରଠାରେ ନାଇଜର୍'ର ତ୍ରୟୋଦଶତମ ସ୍ନାତକ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।

---

## ଝାଡ଼ଖଣ୍ଡ-ଟ୍ରଷ୍ଟ ଭୋଟ୍

ଝାଡ଼ଖଣ୍ଡ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ଆଜି ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଆସ୍ଥା ଭୋଟ୍‌ରେ ବିଜୟଲାଭ କରିଛନ୍ତି । ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ନେତୃତ୍ୱାଧୀନ ମେଣ୍ଟର ସହଯୋଗୀ ଦଳଗୁଡ଼ିକୁ ମିଶାଇ ୪୫ ଜଣ ବିଧାୟକ ଆସ୍ଥାଭୋଟ୍ ସପକ୍ଷରେ ମତଦାନ କରିଥିଲେ ।

ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଗୃହରେ ଆସ୍ଥା ପ୍ରସ୍ତାବ ଆଜି ଆଗତ କରିଥିଲେ । ବାଚସ୍ପତି ରବିନ୍ଦ୍ର ନାଥ ମାହାତୋ ଆସ୍ଥା ପ୍ରସ୍ତାବ ସଂପର୍କରେ ଆଲୋଚନା ପାଇଁ ଏକଘଣ୍ଟା ସମୟ ଦେଇଥିଲେ । ଆଲୋଚନା ପରେ ଗୃହରେ ଭୋଟ୍ ଗ୍ରହଣ ହୋଇଥିଲା । ଆସ୍ଥା ଭୋଟ୍ ପରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି । ଆଜି ଅପରାହ୍ନରେ ନୂଆ ମନ୍ତ୍ରୀମାନେ ଶପଥ ଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି ।

୪୮ ବର୍ଷୀୟ ଶ୍ରୀ ସୋରେନ ଗତ ୪ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ୮୧ ସଦସ୍ୟ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାର ୫ଟି ଆସନ ଖାଲି ରହିଛି ।

---

# ଏସ୍.ସି. - ନୀଟ୍ ୟୁଜି

ସୁପ୍ରିମ୍‌କୋର୍ଟରେ ଆଜି ନୀଟ୍-ୟୁ.ଜି. ମେଡିକାଲ୍ ପ୍ରବେଶିକା ପରୀକ୍ଷା ସମ୍ବନ୍ଧୀୟ ୩୮ଟି ଆବେଦନର ଶୁଣାଣି ହେବ । ଏହି ଆବେଦନଗୁଡ଼ିକ ମଧ୍ୟରେ ପୁଣି ଥରେ ନୀଟ୍ ପରୀକ୍ଷା କରିବା ସମ୍ବନ୍ଧୀୟ ଆବେଦନ ରହିଛି । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପାର୍ଦିୱାଲା ଏବଂ ଜଷ୍ଟିସ୍ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଶୁଣାଣି କରିବେ ।

ଛାତ୍ରଛାତ୍ରୀମାନେ ଆବେଦନରେ ନୀଟ୍ ପରୀକ୍ଷାରେ ହୋଇଥିବା ଅନିୟମିତତା ନେଇ ସ୍ୱତନ୍ତ୍ର ଯାଞ୍ଚ୍ ପାଇଁ ଦାବି କରିଛନ୍ତି । ନୀଟ୍ ବିବାଦ ମଧ୍ୟରେ କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି । ସତ୍ୟପାଠରେ କୁହାଯାଇଛି, ନୀଟ୍ ପରୀକ୍ଷାରେ ସେଭଳି କୌଣସି ବଡ଼ ଧରଣର ଅନିୟମିତତା ହୋଇ ନ ଥିବାରୁ ପୁନର୍ବାର ପରୀକ୍ଷା କରାଇବାର ଆବଶ୍ୟକତା ନାହିଁ । କେନ୍ଦ୍ର ପକ୍ଷରୁ ଏକଥା ମଧ୍ୟ କୁହାଯାଇଛି, ପୁନର୍ବାର ପରୀକ୍ଷା ହେଲେ ଅନେକ ପ୍ରତିଯୋଗୀଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ ।

---

# ଇଣ୍ଡିଆ-ଥାଇଲ୍ୟାଣ୍ଡ ଏକ୍ସରସାଇଜ୍

ଥାଇଲ୍ୟାଣ୍ଡର ତାକ୍ ପ୍ରଦେଶରେ ଭାରତୀୟ ସେନା ଏବଂ ରୟାଲ୍ ଥାଇଲ୍ୟାଣ୍ଡ ସେନା ମଧ୍ୟରେ ମିଳିତ ସମରାଭ୍ୟାସ **ମୈତ୍ରୀ ୨୦୨୪** ଜାରି ରହିଛି । ଏହି ସମରାଭ୍ୟାସ ଦୁଇଦେଶ ମଧ୍ୟରେ ସାମରିକ ସହଯୋଗକୁ ବୃଦ୍ଧି କରିବାରେ ସହାୟକ ହେବ ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି । ବିଭାଗ ପକ୍ଷରୁ ଜାରି ପ୍ରେସ ବିବୃତିରେ କୁହାଯାଇଛି ଦୁଇଦେଶର ସେନାଙ୍କୁ ସନ୍ତ୍ରାସବାଦୀ ବିରୋଧୀ କାର୍ଯ୍ୟକଳାପ ଏବଂ

ବିଦ୍ରୋହାତ୍ମକ କାର୍ଯ୍ୟକଳାପ ବିରୁଦ୍ଧରେ ସାମରିକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ପ୍ରଶିକ୍ଷାର୍ଥୀମାନଙ୍କୁ ମଧ୍ୟ ବିଭିନ୍ନ ପ୍ରକାର ରଣକୌଶଳ, କ୍ରୀଡ଼ା ଏବଂ ଶରୀରିକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଭାରତୀୟ ସେନା କର୍ମଚାରୀମାନେ ଥାଇଲ୍ୟାଣ୍ଡ ପ୍ରତିପକ୍ଷ ସେନାଙ୍କ ସହ ଯୋଗ ଶିବିରରେ ଭାଗ ନେଇଛନ୍ତି ।

---

## ଅମରନାଥ-ପୋନି ଆମ୍ବୁଲାନ୍ସ

ଶ୍ରୀଅମରନାଥ ଯାତ୍ରାରେ ତୀର୍ଥଯାତ୍ରୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଜାମ୍ମୁ କାଶ୍ମୀର ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ପକ୍ଷରୁ **ପୋନି ଆମ୍ବୁଲାନ୍ସ ସେବା** ଆରମ୍ଭ କରାଯାଇଛି । କାଶ୍ମୀର ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡକ୍ଟର ମୁସ୍ତାକ ଅହମ୍ମଦ ରାଠର, ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ଶିକ୍ଷା ସଚିବ ଡକ୍ଟର ସଇଦ୍ ଅବିଦ୍ ରସିଦ୍ ଶାହାଙ୍କ ତତ୍ତ୍ୱାବଧାନରେ ଏହି ସେବା ଆରମ୍ଭ କରାଯାଇଛି । ପୋନି ଆମ୍ବୁଲାନ୍ସ ବ୍ୟବସ୍ଥାରେ ମେଡ଼ିକାଲ କିଟ୍, ଅକ୍ସିଜେନ୍ ସିଲିଣ୍ଡରର ସୁବିଧା ରହିଛି । ଏହି ବ୍ୟବସ୍ଥା ଦ୍ୱାରା ଯାତ୍ରୀମାନଙ୍କର ମୃତ୍ୟୁହାର ହ୍ରାସ କରାଯାଇ ପାରିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

---

## ପୁରୀ-ରଥଯାତ୍ରା

ପୁରୀ ଶ୍ରୀକ୍ଷେତ୍ରରେ ଆଜି ସକାଳ ୯ଟାରୁ ପୁଣିଥରେ ଶ୍ରୀଜୀଉମାନଙ୍କ ରଥଟଣା ଆରମ୍ଭ ହୋଇଛି । ମଧ୍ୟାହ୍ନ ପ୍ରାୟ ୧୨ଟା ୪୦ ସୁଦ୍ଧା ବଳଭଦ୍ରଙ୍କ ତାଳଧ୍ୱଜ ରଥ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଛି । ଶ୍ରଦ୍ଧାଳୁମାନେ ଉତ୍ସାହ ମଧ୍ୟରେ ଜଗନ୍ନାଥଙ୍କ ନନ୍ଦୀଘୋଷ ଏବଂ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ବଡ଼ଦାଣ୍ଡରେ ଟାଣୁଛନ୍ତି । ପ୍ରବଳ ଗୁଳୁଗୁଳି

ଏବଂ ଖରା ମଧ୍ୟରେ ରଥଟଣା କାର୍ଯ୍ୟ ଆଗେଇ ଚାଲିଥିବା ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

ଚଳିତବର୍ଷର ଏହି ବିରଳ ରଥଯାତ୍ରାରେ ଗତକାଲି ୩ଟିଯାକ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ପାରିନଥିଲା । ବଡଠାକୁରଙ୍କର ତାଳଧ୍ୱଜ ରଥ ମରିଚିକୋଟ ଛକ ନିକଟରେ ଅଟକିଥିବାବେଳେ ସୁଭଦ୍ରାଙ୍କର ଦେବଦଳନ ରଥ ଶ୍ରୀନଅର ନିକଟରେ ଅଟକି ରହିଥିଲା । ସେହିପରି ପ୍ରଭୁ ଜଗନ୍ନାଥଙ୍କର ନନ୍ଦୀଘୋଷ ରଥ ସିଂହଦ୍ୱାର ଠାରୁ ସାମାନ୍ୟ ଆଗକୁ ଯାଇ ଅଟକିଥିଲା ।

---

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍' ଆଜି ରାତି ସାଢ଼େ ୯ଟାରେ ସିଧା ପ୍ରସାରଣ କରାଯିବ । ଏଥିରେ 'ରାଷ୍ଟ୍ରୀୟ ଡାଇରିଆ ରୋକ ଅଭିଯାନ-୨୦୨୪' ସମ୍ପର୍କରେ ଆଲୋଚନା କରାଯିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଶିଶୁ ସ୍ୱାସ୍ଥ୍ୟ ଓ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମୁଖ୍ୟ ତଥା ଉପାୟୁକ୍ତ ଡକ୍ଟର ଶୋଭନା ଗୁପ୍ତା ଏବଂ ନିଉଦିଲ୍ଲୀ ଏମ୍ସର ଗ୍ୟାଷ୍ଟ୍ରୋ ଏଣ୍ଟ୍ରୋଲୋଜି ବିଭାଗର ପ୍ରଫେସର ଡକ୍ଟର ଗୋବିନ୍ଦ କେ. ମଖାରିଆ ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞ ଭାବେ ଯୋଗଦେଇ ଶ୍ରୋତାମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । ଶ୍ରୋତାମାନେ ହ୍ୱାଟ୍ସଆପ୍ ନମ୍ବର ୯୨୮୯୦୯୪୦୪୪ କିମ୍ବା ସାମାଜିକ ଗଣମାଧ୍ୟମ ଏକ୍ସରେ Ast AIR ହାସ୍ଟ୍ୟାଗ୍ ମାଧ୍ୟମରେ ପ୍ରଶ୍ନ ପଚାରିପାରିବେ। ଏହି କାର୍ଯ୍ୟକ୍ରମ ଆକାଶବାଣୀର ଗୋଲ୍ଡ୍ ଚ୍ୟାନେଲ୍, NEWS ON AIRର ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ ।

---

# ମୁମ୍ବାଇ ରେନ୍

ମୁମ୍ବାଇରେ ଗତକାଲି ରାତିରୁ ୬ ଘଣ୍ଟା ଧରି ଅବିଶ୍ରାନ୍ତ ବର୍ଷା ହେବା ଫଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି । ପ୍ରାୟ ୩୦୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ବର୍ଷା ଫଳରେ ସହରର ତଳିଆ ଅଞ୍ଚଳ ଜଳମଗ୍ନ ହେବା ସହ ସହରତଳି ଅଞ୍ଚଳରେ ଟ୍ରେନ୍ ଯାତ୍ରାୟାତ ବାଧାପ୍ରାପ୍ତ ହୋଇଛି । ବିଏମ୍‌ସି ପକ୍ଷରୁ ଆଜି ସମସ୍ତ ସରକାରୀ ଏବଂ ଘରୋଇ ସ୍କୁଲ୍ କଲେଜ ଛୁଟି ଘୋଷଣା କରାଯାଇଛି । ମୁମ୍ବାଇର କେନ୍ଦ୍ରୀୟ ଏବଂ ପୋତାଶ୍ରୟ ନିକଟବର୍ତ୍ତୀ ଅଞ୍ଚଳ, ସିଅନ୍, ଭାଣ୍ଡୁପ୍, ନାହୁର ଷ୍ଟେସନ ଅଞ୍ଚଳରେ ଜଳମଗ୍ନ ଯୋଗୁଁ ଟ୍ରେନ୍ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଥାଣେ, ବାସାଇ, ମହାଦ୍, ଚିପ୍ଲୋନ୍, କୋଲାପୁର, ସାଙ୍ଗଲି, ସତାରା, ସିନ୍ଧୁଦୁର୍ଗ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ପାଇଁ ଏନ୍‌ଡିଆରଏଫ୍ ଦଳ ମୁତୟନ କରାଯାଇଛି ।

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରୀୟ ମହାରାଷ୍ଟ୍ର ଅଞ୍ଚଳର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି ।

---